

## ପୁଣି ସ୍କୁଟିକୁ ଧକ୍କା ଦେଲା ଆମ ବସ୍

# ଥମୁନି 'ଆମ ବସ୍'ର ଆତଙ୍କ

ଭୁବନେଶ୍ବର, ୨୪।୧(ସମିସ): ରାଜଧାନୀରେ ଶନିବାର ସକାଳେ ପାତ୍ରପଡ଼ା ବସ ଡ଼ିପୋରୁ ୨୫ ନମ୍ବର ରୁଟରେ ଆମ ବସ ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚଳାଉଥିବା ଡେଲିଭରି ବୟ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହି ଦୁର୍ଘଟଣା ପରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା।




ଏହିପରି ମଧ୍ୟ ଶୁକ୍ରବାର ରାଜମହଲ ଛକ ଠାରେ ଆମ ବସ୍ ଏକ ବାଇକ କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହି ଅଳ୍ପକେ ବର୍ତ୍ତିଯାଇଥିଲେ। ହେଲେ ଘଟଣା ସ୍ଥଳରେ ତୁମୁଳକାଣ୍ଡ ଦେଖିବାକୁ ମିଳିଥିଲା। ଏହିସହିତ ୨ରୁ ୩ଟା ଆମ ବସ୍‌କୁ ସ୍ଥାନୀୟ ଲୋକେ ଢେଲା ପଥରମାଡ଼ କରିଥିଲେ। ଏଥିସହିତ ଚଳିତ ବର୍ଷର ପ୍ରଥମ ସପ୍ତାହରେ ମଧ୍ୟ ରୁପାଲି ଛକରେ ଆମ ବସ ଦୁର୍ଘଟଣା ଘଟିଥିବାରୁ ଜଣେ ଆଟୋ ଚାଳକଙ୍କ ମୃତ୍ୟୁ ହୋଇଥିଲା ଏବଂ ଏଥିରେ ୨ରୁ ୩ ଜଣ ଗୁରୁତର ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ଗତବର୍ଷ ଅନେକ ଲୋକ ଦୁର୍ଘଟଣା ମୃତ୍ୟୁ ହୋଇଥିବା ବେଳେ ଅନେକେ ଲୋକ ପଙ୍ଗୁ ମଧ୍ୟ ହୋଇଯାଇଛନ୍ତି।

ହେଲେ ଏଠାରେ କଥା ଉଠୁଛି ଯେ ଲୋକଙ୍କ ସୁବିଧା ପାଇଁ ହୋଇଥିବା ଏହି ଆମ ବସ୍ ଏବେ ଲୋକଙ୍କୁ ବାରମ୍ବାର ହନ୍ତସନ୍ତ କରାଉଛି। ଅଳ୍ପ ଟଙ୍କା ପାଇଁ ଏହି ଆମ ବସ୍ ର ସୁବିଧା ପାଉଥିବା ଲୋକମାନେ ଏବେ ବସରେ ଯାତ୍ରା କରିବା ପାଇଁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ୫ ରୁ ୩୦ ଟଙ୍କା ଭଡା ହୋଇଥିବା ଏହି ଆମ ବସ୍ ରେ ଲୋକଙ୍କ ଦୁର୍ଘଟଣା ହେଲେ ଲୋକମାନେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥି ସହିତ ଅନେକ ମହିଳାଙ୍କ ମଥାରୁ ସିନ୍ଦୁର ମଧ୍ୟ ସାରା ଜୀବନ ପାଇଁ ଲିଭି ଯାଉଛି। ହେଲେ ଆମ ବସ୍ ର ଆତଙ୍କ ଥମୁନାହିଁ। ଏହି ବସ୍ ର ଦୁର୍ଘଟଣା ପାଇଁ ଏବେ ବସ୍ ଡ଼ିପୋରୁ ନେଇ ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଏବେ ଲୋକମାନେ ଆଙ୍ଗୁଳି ଉଠାଉଛନ୍ତି।




ଏଠାରେ ସୂଚାଇ ଦିଆଯାଇପାରେ ଯେ, ଦିନକୁ ଦିନ ଆମ ବସ୍‌ର ଦୁର୍ଘଟଣା ବଢ଼ି ଚାଲିଛି। ଆମ ବସ କେଉଁଠି ଲୋକଙ୍କୁ ଧକ୍କା କରିଲାଣି ତ ଆଉ କେଉଁଠି ନିଜେ ଦୁର୍ଘଟଣା ହୋଇ ଲୋକଙ୍କୁ ହଇରାଣ କଲାଣି। ଫଳରେ ଦୁର୍ଘଟଣାକୁ ଦେଖି ଲୋକଙ୍କ ମନରେ ଆମ ବସକୁ ନେଇ ଏକ ଭୟର ବତାବରଣ ଦେଖିବାକୁ ମିଳିଛି। ବାରମ୍ବାର ଦୁର୍ଘଟଣା ଘଟି କାହାର ମୃତ୍ୟୁ ହେଉଛି ତ ଆଉ କିଏ ପଙ୍ଗୁ ହୋଇଯାଉଛନ୍ତି। ଏହି ଦୁର୍ଘଟଣା ପାଇଁ କ୍ରୁଟ ପକ୍ଷରୁ ତଦନ୍ତ କରାଯାଉଛି ହେଲେ ଫଳଘର ଶୂନ୍ୟ ଦେଖିବାକୁ ମିଳୁଛି।

# ଆମ ବସ୍ ଭଙ୍ଗାରୁଜା; ୨ ଗିରଫ

ଭୁବନେଶ୍ବର, ୨୪।୧(ସମିସ): ଆମ ବସ୍‌କୁ ଭଙ୍ଗା ରୁଜା ଏବଂ ଡ୍ରାଇଭରଙ୍କୁ ଆକ୍ରମଣ ମାମଲାରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଦୀପ କୁମାର ଦାସ ଓ ପି. କିଷ୍ଟା ରେଡ୍ଡି।






ଅଭିଯୋଗକାରୀ ଆମ ବସ୍ ଡ୍ରାଇଭର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ସେ ନରାଜ ଡିପୋରୁ କଟକର ସେଟେଲମେଣ୍ଟ ଅଫିସ ଦେଇ କ୍ୟାପିଟାଲ ହସ୍ପିଟାଲ ଅଭିମୁଖେ ଆମ ବସ୍ ଚଲାଉଥିବା ସମୟରେ ଭୁବନେଶ୍ବରସ୍ଥିତ ଅଶୋକ ନଗରର ରେମଣ୍ଡ ସୋରୁମ୍ ନିକଟରେ ପହଞ୍ଚିଥିଲେ। ସେହି ସମୟରେ ଏକ ଲାଲ ରଙ୍ଗର ଗ୍ଲାମର ମୋଟର ସାଇକେଲ ରଙ୍ଗ ରୁଟରେ ଆସି ବସ୍‌ର ଡାହାଣ ପାର୍ଶ୍ୱରେ ଘସି ହୋଇଯାଇଥିଲା, ଯାହାର ଫଳସ୍ୱରୂପ ମୋଟର ସାଇକେଲଟି ତଳକୁ ଖସି ପଡ଼ିଥିଲା। ଏହି ଘଟଣାରେ ମୋଟର ସାଇକେଲ ଆରୋହୀଙ୍କୁ କୌଣସି ଗୁରୁତର ଆଘାତ ଲାଗି ନ ଥିବା ଜଣାପଡ଼ିଛି। ଏହା ପରେ ସ୍ଥାନୀୟ ବାସିନ୍ଦା ଏବଂ ଅଟୋ ଚାଳକମାନଙ୍କ ସହିତ ବହୁ ସଂଖ୍ୟକ ଜନସାଧାରଣ ଘଟଣାସ୍ଥଳରେ ଏକତ୍ରିତ ହୋଇ ବସ୍ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ବସ୍ ଉପରେ ଇଟା, ପଥର ଓ ଅନ୍ୟାନ୍ୟ ଫୋପାଡି ଥିଲେ। ଏହାର ଫଳରେ ବସ୍‌ର ୱିଣ୍ଡସିଲ୍ଡ, ଝରକାର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଆକ୍ରମଣ ଘଟଣାରୁ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଭୟଭୀତ ହୋଇ ଅଭିଯୋଗକାରୀ ପିସିଆରକୁ ସୂଚନା ଦେଇଥିଲେ, ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଏବଂ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏହା ମଧ୍ୟ ପ୍ରକାଶ ପାଇଛି ଯେ ସମାନ ରୁଟରେ ଚଳାଚଳ କରୁଥିବା ଅନ୍ୟ ତିନୋଟି ଆମ ବସ୍ ଉପରେ ମଧ୍ୟ ଆନ୍ଦୋଳନକାରୀମାନେ ଆକ୍ରମଣ କରିଥିଲେ। ଯାହାର ଫଳରେ ସାଧାରଣ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ କିଛି ଯାତ୍ରୀ ଆହତ ହୋଇଥିଲେ। ଆନ୍ଦୋଳନକାରୀମାନେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ବସ୍‌ରୁ ଡ୍ରାଇଭରମାନଙ୍କୁ ଜୋରଜବରଦସ୍ତି ବାହାର କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ପୁଲିସ ଅଧିକାରୀ ଓ ବଳପ୍ରୟୋଗ ବାହିନୀ ସମୟୋଚିତ ଭାବରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣରେ ଆସିଥିଲା। ତଦନ୍ତ ସମୟରେ, କ୍ଷତିଗ୍ରସ୍ତ ଆମ ବସ୍ ଏବଂ ଲାଲ ରଙ୍ଗର ଗ୍ଲାମର ମୋଟରସାଇକେଲକୁ ଜବତ କରାଯାଇଥିଲା। ସହିତ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ବୈଷୟିକ ପ୍ରମାଣ ସଂଗ୍ରହ କରାଯାଇଛି। ଦଙ୍ଗା, ଭଙ୍ଗାରୁଜା ଏବଂ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ଚିହ୍ନଟ ଓ ଯାଞ୍ଚ ପରେ ସେମାନଙ୍କୁ ଗିରଫ କରାଯାଇଛି।

## ଏକନମ୍ବର ହାଟର ଦୋକାନ ପୋଡ଼ି ଘଟଣା

# ୫ ଦିନ ପରେ ବି ବିଏମ୍‌ସି ଓ ପ୍ରଶାସନ ନିରବ

ଭୁବନେଶ୍ବର, ୨୪।୧(ସମିସ): ଏଆଇଟିୟୁସି ସହବନ୍ଧିତ ଭୁବନେଶ୍ବର ଉଠା ଦୋକାନୀ ବ୍ୟବସାୟୀ ସଂଘ ଏକନମ୍ବର ହାଟର ଥାନା ପାର୍ଶ୍ୱ ଗଳି ଓ ଭେଣ୍ଡିଂ ଜୋନ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥିଲେ ମଧ୍ୟ ବିଏମ୍‌ସି କି ପ୍ରଶାସନ ନିରବ ପାଲଟି ଯାଇଛି। ଯାହାଦ୍ୱାରା ଶୀତ କାକରରେ ଦୋକାନୀମାନେ ଧାରଣା ଦେଇଛନ୍ତି। ଦୀର୍ଘ ୫ ଦିନ ହେଲା ବିଏମ୍‌ସି ଓ ପ୍ରଶାସନ ନିଦାବିଷ୍ଟୁ ସାଜି ଉଠା ଦୋକାନୀମାନଙ୍କ ଦୁଃଖ କି ତାଙ୍କର ବ୍ୟବସାୟ କଥା ବୁଝୁ ନାହାନ୍ତି। ୨୦୧୭ ମସିହାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ତିଆରି ପାଇଁ ସର୍ଭେ ସରିଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକାରୀ ନ ହେବାରୁ ଏ ଭୟାବହ ପରିସ୍ଥିତି ସୃଷ୍ଟି ହେଲା। ଏଥିପାଇଁ ଦାୟୀ କିଏ ଚଳିତ ବର୍ଷ ସରସ୍ୱତୀ ପୂଜା ପାଇଁ ଦୋକାନୀମାନେ ଧାର ଉଦ୍ଧାର କରି ଦୋକାନରେ ଜିନିଷପତ୍ର ରଖିଥିଲେ। ବିଡ଼ମ୍ବନାର ବିଷୟ ବିଏମ୍‌ସି ଓ ପ୍ରଶାସନର ତାଳମେଳ ରହୁ ନ ଥିବାରୁ ବାରମ୍ବାର ନିଆଁ ଲାଗି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେବା ସହ ଅଭାବନୀୟ ପରିସ୍ଥିତିର ଶିକାର ହୋଇଛନ୍ତି।

### ଉଠା ଦୋକାନୀଙ୍କୁ ଥଇଥାନ କରାଯାଉ



ଭୁବନେଶ୍ବର, ୨୪।୧(ସମିସ): ୟୁନିଟ ୧ ହାଟ ମାର୍କେଟରେ ନିଆଁ ଲାଗି ଦୋକାନ ପୋଡି ଘଟଣା ଓ ଦୋକାନୀଙ୍କୁ ପୁନଃ ଥଇଥାନ ଓ କ୍ଷୟକ୍ଷତି ପୂରଣ ଦେବା ରାଜ୍ୟ ସରକାର ଟାଳଟୁଳ ନୀତି କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛି ନିଖିଳ ଉତ୍କଳ ଭେଣ୍ଡିଙ୍ଗ ଜୋନ ବ୍ୟବସାୟୀ ମହାସଂଘ। ସଂଘର ସାଧାରଣ ସମ୍ପାଦକ ଦୀପକ ମହାପାତ୍ରଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ବ୍ୟବସାୟୀ ଏହି ଧାରଣା ଓ ବିକ୍ଷୋଭରେ ସାମିଲ ହୋଇ ପ୍ରତିବାଦ ଚଳାଇଛନ୍ତି। ଦୋକାନ ନିଆଁ ଲାଗି ନଷ୍ଟ ହେବା ପରେ ସରକାର ସେହି ସ୍ଥାନରେ ଅନ୍ୟ ପ୍ରକଳ୍ପ ଆଳରେ ଦୋକାନୀଙ୍କୁ ସେହି ସ୍ଥାନ ରେ ଆଉ ସୁଯୋଗ ଦିଆଯିବନାହିଁ ବୋଲି ଜାଣିବା ପରେ ଜୋର ଧରିଛି ଏହି ଧାରଣା। ଏହା ସହ ଦୋକାନ ପୋଡି ସର୍ଟ ସର୍କିଟ ନୁହେଁ ବରଂ ଏହା ପ୍ରାୟୋଜିତ ହୋଇଥିବା କହିଛି ମହାସଂଘ। ତେବେ ସରକାର ପୁନଃ ବିଚାର କରି ସେହି ସ୍ଥାନରେ ବ୍ୟବସାୟ କରିବାକୁ ଅନୁମତି ଦେବାକୁ କହିଛି ମହାସଂଘ। ତେବେ ଏହା ସତ୍ତ୍ୱେ ସରକାର କିଛି ପଦକ୍ଷେପ ଗ୍ରହଣ ନ କଲେ ଏହି ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦେଇଛି ମହାସଂଘ।

ରାଜ୍ୟ ସରକାର ଏକନମ୍ବର ହାଟରୁ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିଲାବେଳେ ଗୋଟିଏ ସିକ୍ୟୁରିଟି ବ୍ୟବସ୍ଥା କି ନିଆଁ ଲିଭାଇବାକୁ କୌଣସି ବ୍ୟବସ୍ଥା ନାହିଁ। ସବୁଠାରୁ ଦୁଃଖର ବିଷୟ ହେଉଛି ଯେ, ପୋଡ଼ିଯାଇଥିବା ଦୋକାନ ସଫା କରିବା ସହ କିଛି ପୋଡ଼ି ନ ଥିବା ଦୋକାନଗୁଡ଼ିକୁ ମଧ୍ୟ ବିଏମ୍‌ସି ଜୋର ଜବରଦସ୍ତି ଭାଙ୍ଗିଦେଇଛି। ଶନିବାର ବ୍ୟବସାୟୀ ସଂଘ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମଞ୍ଜୁର ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ତିଆରି ସହ ସ୍ଥାୟୀ ସିକ୍ୟୁରିଟି ନିଯୁକ୍ତି ଓ ନିଆଁ ଲିଭା ବ୍ୟବସ୍ଥା କରିବା ସହ ପୋଡ଼ିଯାଇଥିବା ଓ ଭଙ୍ଗାଯାଇଥିବା ଦୋକାନୀମାନଙ୍କୁ ଦୋକାନ ଓ ପ୍ରତ୍ୟେକଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଏଆଇଟିୟୁସି ସଂଘର ସଭାପତି ସୁର ଜେନା ଦାବି କରିଛନ୍ତି। ଏହି ଅହୋରାତ୍ର ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ନୀଳମଣି ସାହୁ, ସୋମନାଥ ସାହୁ, ବିଜୟ କୁମାର ସାହୁ, ଭରତ ବେହେରା, ବିରଞ୍ଚି ଦଳବେହେରା ଓ ମାନସ ପାତ୍ର ଶତାଧିକ ଦୋକାନୀ ଧାରଣା ଦେଇଛନ୍ତି।

# ମୋବାଇଲ୍ ଲୁଟିନେବା ଅଭିଯୋଗରେ ୨ ଗିରଫ



ଭୁବନେଶ୍ବର, ୨୪।୧(ସମିସ): ଆମ ବସ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ମୋବାଇଲ୍ ଲୁଟି ନେବା ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବୁ ନାୟକ, ସମୀର ମହାନ୍ତି ଓ କାହ୍ନା ନାୟକ। ପୁଲିସ ସେମାନଙ୍କ ଠାରୁ ଚୋରା ମୋବାଇଲ ଜବତ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ। 'ଆମ ବସ୍' ଡ୍ରାଇଭର ଭାବରେ ନିୟୋଜିତ କୈଳାସ ଚନ୍ଦ୍ର ମହାନ୍ତି ରାତି ପ୍ରାୟ ୧୧.୩୦ ସମୟରେ, ଡ୍ୟୁଟି ସାରି ନୀଳାଦ୍ରି ବିହାର ଅନ୍ତର୍ଗତ ସୀତାନାଥ ନଗର ବସ୍ତିରେ ଅବସ୍ଥିତ ତାଙ୍କ ଘରକୁ ଫେରୁଥିବା ସମୟରେ ହରେକୃଷ୍ଣ ବସ୍ତି ନିକଟରେ ତିନି ଜଣ ଅଜଣା ଯୁବକ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ଗୋଡ଼, ହାତ ଓ ଛାତିରେ ଆଘାତ ଲାଗିଥିଲା। ଦୁବୃତ୍ତମାନେ ତାଙ୍କ ମୋବାଇଲ୍ ଫୋନ୍‌ଟିକୁ ଜୋରଜବରଦସ୍ତି ଛଡ଼ାଇ ନେଇଯାଇଥିଲେ। ଅଭିଯୋଗକାରୀ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଏକତ୍ରିତ ହୋଇ, ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ତିନି ଜଣ ଅଭିଯୁକ୍ତଙ୍କୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତ ସମୀର ମହାନ୍ତି ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ମୋଟ ତିନୋଟି ମାମଲାରେ ଜଡିତ ରହିଛନ୍ତି।

# ପଟିଆ କଲେଜ ସାମ୍ନାରେ ବାରମ୍ବାର ଅଗ୍ନିକାଣ୍ଡ

ନନ୍ଦନକାନନ, ୨୪।୧(ସମିସ): ପଟିଆ ଷ୍ଟେସନ ରୋଡ଼ କଲେଜ ସାମ୍ନା ଓମ ସାଇ ଅରକେଡ ଆପାର୍ଟମେଣ୍ଟ ନିକଟରେ ଥିବା ଜଙ୍ଗଲିଆ ଜାଗାରେ ନିଆଁ ଲାଗିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହେବା ସହ ପୋଡା ଗନ୍ଧ ବ୍ୟାପିଥିଲା। ଶନିବାର ଦିନ ଦିପହରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଖବର ପାଇ ଗୋଟେ ଦମକଳ ଗାଡି ଆସି ନିଆଁ ନିଭାଇ ଯାଇଥିଲା। ପୁଣି ସନ୍ଧ୍ୟା ବେଳେ ସେଠୁ ନିଆଁଧୂଆଁ ଉଠିଲା। ଅଞ୍ଚଳ ଧୂଆଁ ମୟ ହେବା ସହ ପ୍ଲାଷ୍ଟିକ ପୋଡା ଭଳି ଗନ୍ଧ ଆଉ ଧୂଆଁ କଳାରାହାଙ୍ଗ ହାଟରୁ ଲଗେଇ ପଟିଆ ଷ୍ଟେସନ, ଏପଟେ ପଟିଆ କଲେଜ ଚାରିଆଡେ ବ୍ୟାପିଥିଲା। ସନ୍ଧ୍ୟାରେ ଶୈଳଶ୍ରୀ ବିହାର ଅଗ୍ନିଶମ ବାହିନୀ ଆସି ନିଆଁକୁ ନିଭାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ହେଉଛି ଯେ, ଆଗରୁ ଏହି ୪/୫ଦିନ ଭିତରେ ସେଠାରେ ୩ଥର ହେବ ନିଆଁ ଲାଗି ଜଙ୍ଗଲିଆ ବୁଦା ଓ ଭୂମିରେ ଥିବା ଘାସ ଅନାବନା ଗଛ ପୋଡି ଯାଇଛି। କେହି ନିଆଁ ଲଗେଇ ଦେଉଛି। ସ୍ଥାନୀୟ ଓମ ସାଇ ଅରକେଡ ବାସିନ୍ଦା ମାନେ ପାଣି ପକେଇ ନିଆଁ ଲିଭାଇ ଥିଲେ। ଶନିବାର ଦିନରେ ଲାଗିଥିଲା ଦମକଳ ବାହିନୀ ଆସି ଲିଭାଇକି ଯାଇଥିଲେ। ପୁଣି ସନ୍ଧ୍ୟାବେଳେ ପ୍ରବଳ ନିଆଁ, ଧୂଆଁ ଆଉ ଗନ୍ଧ ବ୍ୟାପିଥିଲା। ଦମକଳ ବାହିନୀଙ୍କୁ ଖବର ଦେବାରୁ ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇଥିଲା।

# ନାବାଳିକାଙ୍କୁ ଛୁରି ଦେଖାଇ ଲୁଟ୍, ଯୁବକ ଗିରଫ

ଭୁବନେଶ୍ବର, ୨୪।୧(ସମିସ): ନାବାଳିକାଙ୍କୁ ଛୁରି ଦେଖାଇ ଲୁଟ୍‌ପାଟ୍ କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଫାୟର ଷ୍ଟେସନ ଅଞ୍ଚଳର ତପନ କୁମାର ସେଠୀ ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ଲୁଟ୍‌ରେ ବ୍ୟବହୃତ ଛୁରି ସମେତ ସୁନା ଚେନ୍, ଲକେଟ୍ ଓ ୬ଟି ରୁପା ଡେଉଁରିଆ ଜବତ କରିଛି ପୁଲିସ। ପୁଲିସ ସୂଚନା ମୁତାବକ, ଅଭିଯୁକ୍ତ ନାବାଳିକାକୁ ଏକାକୀ ଦେଖି, ଏକ ଛୁରି ଦେଖାଇ ଭୟଭୀତ କରି ଜୋରଜବରଦସ୍ତି ତାଙ୍କ ଗଳାରୁ ସୁନା ଓ ରୂପା ଅଳଙ୍କାର ଲୁଟିନେଇଥିଲେ। ଲୁଟ ଅଳଙ୍କାରଗୁଡିକ ମଧ୍ୟରେ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ହନୁମାନ ଲକେଟ୍, ଗୋଟିଏ ସୁନା ପ୍ୟାନ୍ ଲକେଟ୍ ଏବଂ ଛଅଟି ରୂପା ଦେଉଁରିଆ ରହିଥିଲା। ଅଭିଯୁକ୍ତ ଭଡ଼ା ଘର ବିଷୟରେ ପଚାରିବା ବାହାନାରେ ଅଭିଯୋଗକାରିଣୀଙ୍କ ଭାଣିଜୀଙ୍କ ନିକଟକୁ ଯାଇ ତାଙ୍କୁ କଥାବାର୍ତ୍ତାରେ ବ୍ୟସ୍ତ ରଖିଥିଲେ। ପରିସ୍ଥିତିର ସୁଯୋଗ ନେଇ ଏବଂ ଅନ୍ୟ କେହି ଉପସ୍ଥିତ ନଥିବା ସମୟରେ ଅଭିଯୁକ୍ତ ନାବାଳିକା ଶିଶୁଟିକୁ ଛୁରୀ ଦେଖାଇ ଧମକ ଦେଇ, ତାଙ୍କ ଗଳାରେ ବନ୍ଧା ଥିବା କଳା ସୂତା କାଟି ଲୁଟ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଶିଶୁଟିର କାନ୍ଦ ଶୁଣି ପରିବାର ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କ ଗଳାରୁ ଅଳଙ୍କାର ଲୁଟ ହୋଇଥିବା ଦେଖିଥିଲେ। ମୈତ୍ରୀ ବିହାର ଥାନାର ପୁଲିସ ସୁନା ଅଳଙ୍କାର ବିକ୍ରୟ କରିବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଥିଲେ। ତଲାସି ସମୟରେ ତାଙ୍କ ହେପାଜତରୁ ଲୁଟ ହୋଇଥିବା ସୁନା ଅଳଙ୍କାର ସହ ଧଳା ପ୍ଲାଷ୍ଟିକ୍ ହ୍ୟାଣ୍ଡେଲ୍ ଥିବା ଗୋଟିଏ ଧାରୁଆ ଛୁରୀ ଜବତ କରାଯାଇଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା।

## ଖଣ୍ଡାରେ ଆକ୍ରମଣ ମାମଲାରେ ୨ଗିରଫ

ଭୁବନେଶ୍ବର, ୨୪।୧(ସମିସ): ହାଉସିଂବୋର୍ଡ ଗୁରୁ କେଲୁଚରଣ ପାର୍କ ନିକଟରେ ଗୋଷ୍ଠୀ ସଙ୍ଘର୍ଷ ଏବଂ ଖଣ୍ଡାରେ ଆକ୍ରମଣ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡମଣା ପୋତା ପୋଖରୀ ଅଞ୍ଚଳର କାହ୍ନା ଦାଶ ଏବଂ ଓମ୍ ସାଇ ବିହାର ବସ୍ତି ଗାଡ଼କଣ ଅଞ୍ଚଳର ଦେବାଶିଷ୍ ଦାସ ଗୁଣ। ଏମାନଙ୍କ ଠାରୁ ପୁଲିସ ଏକ ଖଣ୍ଡା ଏବଂ କଟୁରୀ ଜବତ କରିଛି। ପୁଲିସ ସୂଚନା ମୁତାବକ, ଖଣ୍ଡା ଚୋଟରେ ଆହତ ସତ୍ୟଜିତ ସାମନ୍ତରାୟ ହାଉସିଂ ବୋର୍ଡ କଲୋନୀ ଅଞ୍ଚଳରେ ରୁହନ୍ତି। ସେ ଏବଂ ତାଙ୍କ ସହଯୋଗୀମାନେ ମିଶି ସ୍ଥାନୀୟ ଅଞ୍ଚଳରେ ସରସ୍ୱତୀ ପୂଜା ପାଳନ କରୁଥିଲେ। କାହ୍ନା ଏବଂ ତାଙ୍କ ସହଯୋଗୀମାନେ ହାଉସିଂବୋର୍ଡ କଲୋନୀକୁ ଯାଇଥିଲେ। ସେଠାରେ ଗୁଣ୍ଡାଗର୍ଦ୍ଦି କରିବାରୁ କିଛି ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ସତ୍ୟଜିତ ଏବଂ କାହ୍ନାଙ୍କ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। ଏହାପରେ କାହ୍ନା ଘଟଣାସ୍ଥଳରୁ ଚାଲି ଯାଇଥିଲେ। ସତ୍ୟଜିତ ତାଙ୍କ ସହଯୋଗୀଙ୍କ ସହ ଏକ ଓମ୍‌ଫେଡ୍ ଷ୍ଟଲରେ ଛିଡା ହୋଇଥିଲା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ସ୍ଥାନୀୟ ଲୋକେ ସତ୍ୟଜିତ୍‌ଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ବେଆଇନ ମାଟି ଖନନ କରି ୪ ଗିରଫ

ହଂସପାଳ, ୨୪।୧(ସମିସ): ବେଆଇନ ମାଟି ଖନନ ଅଭିଯୋଗ ରେ ପାହାଲ ଥାନାର ଏସ୍.ଆଇ ମେଘାରାଇ ସୋରେନଙ୍କ ରିପୋର୍ଟ ଆଧାରରେ ୪ ଜଣ ଗାଡ଼ି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବାଲିପାଟଣା ଥାନା ଜିତେନା ଗ୍ରାମର ହୃଷୀକେଶ ଜେନା(୪୫), କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଗୋପାଳନଗର ଗ୍ରାମର ବିଜୟ ଭୋଇ (୩୫), ବଡଓଉବାରି ଗ୍ରାମର ରାଜକିଶୋର ଭୋଇ(୩୧), ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଚକ୍ରଧର ପ୍ରସାଦ ଗ୍ରାମର ବଳରାମ ନାଥ(୪୫)। ସୂଚନା ଅନୁସାରେ ପାହାଲ ଥାନାଧିକାରୀ ଅଶ୍ୱିନୀ ଜେନା ଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ରାତିରେ ପାଟ୍ରୋଲିଂ ସମୟରେ ବିଳମ୍ବିତ ବାଇଁଣ୍ଡଳ ଗ୍ରାମ ନିକଟରେ ଏକ ଧାନ କ୍ଷେତରୁ ବେଆଇନ ଖନନ ଏବଂ ମାଟି ଓ ବାଲି ଚୋରି ହେଉଥିବା ଜଣାପଡ଼ିଥିଲା। ପୁଲିସ ଟୀମ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଜେସିବି ମେସିନାରୀ ବ୍ୟବହାର କରି ମାଟି ଲୋଡିଂ ପାଇଁ ପ୍ରସ୍ତୁତ ୪ଟି ହାଇୱେ ଗାଡ଼ି ଦେଖିଥିଲେ। ପୁଲିସକୁ ଦେଖି ଖସି ପଳାଉଥିବା ସମୟରେ ଗାଳି ଚାଳକ ହୃଷୀକେଶ, ବିଜୟ, ବଳରାମ ଏବଂ ରାଜକିଶୋରଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ, ସେମାନେ ନିକଟସ୍ଥ ଇଟା ଭାଟିରେ ବିକ୍ରୟ ପାଇଁ ଖନନ କରୁଥିବା ସ୍ୱୀକାର କରିଥିଲେ।

# ସେଲ୍‌ଫ ଡ୍ରାଇଭରେ ଗାଡ଼ି ଦେଉଥିଲେ ସାବଧାନ

ଭୁବନେଶ୍ବର, ୨୪।୧ (ସମିସ): ଆପଣ ସେଲ୍‌ଫ ଡ୍ରାଇଭିଂ ବା ବିନା ଚାଳକରେ ଗାଡ଼ି ଭଡ଼ା ଦେଉଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାରଣ କୌଣସି ମୁହୂର୍ତ୍ତରେ ଆପଣଙ୍କ ଗାଡ଼ି ଚୋରି ହୋଇପାରେ। ଗାଡ଼ି ଭଡ଼ା ନେବା ଆଳରେ ଆପଣଙ୍କ ଗାଡ଼ି ଲୁଟି ନେଇପାରନ୍ତି ଗ୍ରାହକ। ବର୍ତ୍ତମାନ ବାଇକଠୁ ଆରମ୍ଭ କରି କାର ଭଳି ଗାଡ଼ିଗୁଡ଼ିକୁ ଏବେ ଯାତ୍ରୀ ପରିବହନ ବ୍ୟବସାୟରେ ଅର୍ଥାତ୍ ସେଲ୍‌ଫ୍ ଡ୍ରାଇଭିଂରେ ନିୟୋଜିତ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କମ୍ ନିବେଶ ଓ ବିନା ଚାଳକରେ ଏହି ବ୍ୟବସାୟରୁ ଅଧିକ ଟଙ୍କା ଉପାର୍ଜନ ହେଉଛି। ତେଣୁ ରାଜଧାନୀରେ ଏହି ବ୍ୟବସାୟ ଖୁବ୍ ଜୋରରେ ବଢ଼ିଚାଲିଛି। ଆଉ ଏହାକୁ ଟାର୍ଗେଟ୍ କରି ବର୍ତ୍ତମାନ ଗ୍ରାହକ ବେଶରେ ଅସାମାଜିକ ତତ୍ତ୍ୱ ଅପରାଧ ପାଇଁ ସେଲ୍‌ଫ୍ ଡ୍ରାଇଭିଂକୁ ଢାଲ କରିଛନ୍ତି। ନକଲି ଆଧାର କାର୍ଡ ଦାଖଲ କରି ଭଡ଼ାରେ କାର୍ ନେଉଛନ୍ତି। ଆଉ ଗାଡ଼ି ନେବା ପରେ କେଉଁଠି ବନ୍ଧୁକ ଦେଖାଇ ଲୁଟପାଟ୍ କରୁଛନ୍ତି, କେଉଁଠି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଟଙ୍କା କାରବାରକୁ ନେଇ ଅପହରଣ କରାଯାଉଛି ତ ଆଉ କୋଉଠି ଗାଡ଼ି ନେଇ ରାଜ୍ୟ ବାହାରେ ନମ୍ବର ପ୍ଲେଟ ବଦଳାଇ ବିକ୍ରି କରି ଦିଆଯାଉଛି। ମୋଟାମୋଟି କହିବାକୁ ସେଲ୍‌ଫ ଡ୍ରାଇଭ୍ ଆଳରେ ଅପରାଧ ରଚିବା ବର୍ତ୍ତମାନ ଅପରାଧୀଙ୍କ ପାଇଁ ଏକ ସୁବିଧା ଉପାୟ ପାଲଟିଛି। କାର ଲୁଟର ଏହି ନୂଆ ଧାରା ଏବେ ଗାଡ଼ି ମାଲିକ ଠାରୁ ଆରମ୍ଭ କରି ଟ୍ରାଭେଲ ଏଜେନ୍ସି ମାଲିକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିଥିବା ବେଳେ ଏହାକୁ ରୋକିବା କମିସନରେଟ ପୁଲିସ ପାଇଁ ବଡ଼ ଆହ୍ୱାନ ପାଲଟିଛି।

- ଅପରାଧରେ ହେଉଛି ବ୍ୟବହାର
- ଭଡ଼ାରେ ନେଇ ବିକି ଦେଉଛନ୍ତି ଗାଡ଼ି
- ଲୋଭରେ କାର୍ ହରାଉଛନ୍ତି ମାଲିକ

ସୂଚନା ଅନୁସାରେ, ଭରତପୁର ଥାନା ଅଧୀନସ୍ଥ ସମେଇଗାଡ଼ିଆ ଅଞ୍ଚଳରେ ରହୁଥିବା ବଟକୃଷ୍ଣ ସେନାପତି ଓ ବେଗୁନିଆର ତ୍ରିନାଥ ମହାରଣା ମଧ୍ୟରେ ପରିଚୟ ହୋଇଥିଲା। ତ୍ରିନାଥ ଚୁକ୍ତି ମାଧ୍ୟମରେ ଦୁଇ ମାସର ଅଗ୍ରୀମ ଟଙ୍କା ଦେଇ ତାଙ୍କ କାରକୁ ଛଅ ମାସ ଲାଗି ଲିଜରେ ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ସମୟରେ ଟଙ୍କା ଦିନ ଗଡ଼ାଇ ଚାଲିଥିଲା। ତ୍ରିନାଥ ଗାଡ଼ିଟିକୁ ଦୁର୍ଘଟଣାଗ୍ରସ୍ତ କରିବା ସହ ଫୁଲବାଣୀର ଜଣେ ଗ୍ୟାରେଜ୍ ମାଲିକଙ୍କ ପାଖରେ ବନ୍ଧକ ରଖି ଦେଇଥିଲା। ସେହିପରି କଳିଙ୍ଗନଗରରେ ସେଲ୍‌ଫ ଡ୍ରାଇଭ୍ ଜୋନ୍ କରିଥିବା ରଜତ ନାୟକଙ୍କ ଠାରୁ ତିର୍ତ୍ତୋଲର ସୁଭାଶିଷ ଏକ କାର ଭଡ଼ାରେ ନେଇଥିଲେ। ଉକ୍ତ ଗାଡ଼ିକୁ ବେଆଇନ ଭାବେ ଆସ୍କା ଅଞ୍ଚଳରେ ବିକ୍ରି କରି ଦେଇଥିଲେ। ଜିପିଏସ୍ ମାଧ୍ୟମରେ ଗାଡ଼ି କିଣିଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେ ବ୍ୟାଟେରି ସଂଯୋଗ ବିଚ୍ଛିନ୍ନ କରିଦେବାରୁ ତାହା ସମ୍ଭବ ହୋଇପାରିନଥିଲା।

ତେବେ ଇଏ ଗୋଟିଏ ଘଟଣା ନୁହଁ, ପୂର୍ବରୁ ମଧ୍ୟ ଅନେକ ଉଦାହରଣ ହୋଇଛି। ରାହୁଲ ଓ ପ୍ରୀତମ ନାମକ ଦୁଇ ବଙ୍ଗୀୟ ଶ୍ୟାମପୁର ଛକରେ ଥିବା ସେଲ୍‌ଫ ଡ୍ରାଇଭ୍ ଜୋନରୁ କଲିକତା ଯିବା ଲାଗି ଦୁଇଟି କାର ଭଡ଼ାରେ ନେଇଥିଲେ। ଭଡ଼ା ନେବାର ୩ ଦିନ ପରେ ଫୋନ ସୁଇଚ ଅଫ କରି ଦେଇଥିଲେ। ରାହୁଲ ଓ ପ୍ରୀତମ ମିଶି ଦୁଇଟି ଯାକ ଭଡ଼ା କାରକୁ ମଣିପୁରର ରଣବୀର ସିଂହ ଓ ସନ୍ତୋଷ ସିଂହକୁ ବିକ୍ରି କରି ଦେଇଥିଲେ। ପୁଲିସ ରଣବୀର ଓ ସନ୍ତୋଷକୁ ଗିରଫ କରିବା ସହିତ ତାଙ୍କ ଠାରୁ ଗୋଟିଏ କାର ଜବତ କରିଥିଲା।

### କାମ ଦେଉନି ଜିପିଏସ

ଗାଡ଼ି ମାଲିକମାନେ ଲୋକେସନ ଜାଣିବା ଲାଗି ଗାଡ଼ିରେ ଜିପିଏସ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଲଗାଉଛନ୍ତି। ନିଜ ମୋବାଇଲ ଫୋନରେ ଆପ୍ଲିକେସନ ଇନଷ୍ଟାଲ କରି ସହଜରେ ଗାଡ଼ିର ଅବସ୍ଥିତି ବିଷୟରେ ସବିଶେଷ ସୂଚନା ପାଉଛନ୍ତି। ତେବେ କାର ଗୁଡ଼ିକର ବ୍ୟାଟେରି ପାଖରେ ଓ ଷ୍ଟିଅରିଂ ବାକ୍ସ ତଳେ ଜିପିଏସ୍ ମେସିନ ଲଗାଯାଉଛି। ଏତେ ବ୍ୟବସ୍ଥା ପରେ ମଧ୍ୟ ଚକମା ଦେଉଛନ୍ତି ଲୁଟେରା। ଚୋରି ବା ଅପରାଧରେ ବ୍ୟବହାର କରିବା ପୂର୍ବରୁ ଜିପିଏସ୍ ମେସିନରୁ ସଂଯୋଗ ବିଚ୍ଛିନ୍ନ କରିବା ପରେ ତାକୁ ଫୋପାଡ଼ି ଦେଉଛନ୍ତି। ଫଳରେ କାର ମାଲିକ ବା ଟ୍ରାଭେଲ ଏଜେନ୍ସି ମାଲିକମାନେ ଗାଡ଼ିର ସ୍ଥିତି ବିଷୟରେ ସୂଚନା ପାଇ ପାରୁନାହାଁନ୍ତି। ରାହୁଲ ଓ ପ୍ରୀତମ ହୁଅନ୍ତୁ ଅବା ଶୁଭାଶିଷ, ଉଭୟ ଜିପିଏସ୍ ବାହାର କରି ମନ୍ଦ ଉଦ୍ଦେଶ୍ୟରେ ସଫଳ ହୋଇଛନ୍ତି। ଫଳରେ ଟ୍ରାଭେଲ୍ ଏଜେନ୍ସି ବା ସେଲ୍‌ଫ ଡ୍ରାଇଭ୍ ମାଲିକ ଆଉ କାରକୁ ଟ୍ରାକ କରିପାରୁ ନାହାଁନ୍ତି।



# ଭୁବନେଶ୍ୱର ସିଟି

ଆଜିଠୁ କୁମ୍ଭମେଳା

# ମନ୍ତ୍ରଧ୍ୱନିରେ କମ୍ପିବ ଖଣ୍ଡଗିରି

ଭୁବନେଶ୍ୱର, ୨୪।୧(ସମିସ):ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତାକାଲି ଅର୍ଥାତ୍ ୨୫ତାରିଖ ରବିବାର ଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଭୋରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘ ମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଲେଣି। କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜଳାଞ୍ଜଳି ଦେଇ ସାଧନା କରନ୍ତି। ସାଧୁସନ୍ଥମାନଙ୍କ ହୋମଯଜ୍ଞ ସାଙ୍ଗକୁ ଜମିବ ମୀନାବଜାର ବ୍ୟବସାୟ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ଚଳିତ ବର୍ଷ ମେଳାକୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସନାତନ ବୈଦିକ ଧର୍ମ ପରିନେଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଛନ୍ତି।



### ୨୮ରୁ 'ଐର ଖାରବେଳ ମହୋତ୍ସବ'

ଖଣ୍ଡଗିରି ପାଦଦେଶରେ ରହିଥିବା ପାଛିକା ପରିସରରେ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ 'ଐର ଖାରବେଳ ମହୋତ୍ସବ-୨୦୨୬'। ଐର ଖାରବେଳ ମହୋତ୍ସବ କମିଟି ଓ ଅନ୍ତର୍ଜାତୀୟ ନୃତ୍ୟ ଗବେଷଣା ଅନୁଷ୍ଠାନ ଅନୁଚିନ୍ତମ୍‌ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶବିଦେଶରୁ ସୁନାମଧନ୍ୟ ନୃତ୍ୟ, ନାଟକ ଓ କଣ୍ଠଶିଳ୍ପୀମାନେ ଯୋଗଦେବେ। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ସଂସ୍କୃତି ବିଭାଗ ପ୍ରମୁଖ ସହଯୋଗ କରିବେ।

ଖଣ୍ଡଗିରିମେଳା ପାଇଁ ମିନାବଜାର ପ୍ରସ୍ତୁତି ହୋଇଯାଇଛି। ଦୋକାନବଜାର ମଧ୍ୟ ଲାଗିଗଲାଣି। ଖଣ୍ଡଗିରି ଉଦୟଗିରି ପାଦଦେଶରୁ ବିଭିନ୍ନ ଷ୍ଟଲ ପଡ଼ିଛି। ଖାଇବାଷ୍ଟଲଠାରୁ ଆରମ୍ଭକରି ଘରସଜ୍ଜା ସାମଗ୍ରୀ ଓ ଗୃହଉପକରଣ ସାମଗ୍ରୀ ପାଇଁ ଷ୍ଟଲ ଲାଗିବା ଆରମ୍ଭ ହୋଇଗଲାଣି। କେତେକ ଷ୍ଟଲ ଆଜିଠାରୁ ଖୋଲିଗଲାଣି। ଏଥର ମେଳାର ମଜା ନେବେ ରାଜଧାନୀବାସୀ। ସେହିପରି କୁଲାବାଉଁଶିଆଠାରୁ ଆରମ୍ଭ କରି ପଥର ଓ ପିତ୍ତଳ ସାମଗ୍ରୀ ଦୋକାନୀ ଆସି ପସରା ମଧ୍ୟ ମେଲାଇସାରିଲେଣି ବେପାରୀ।

### ମେଳା ମାହାତ୍ମ୍ୟ

ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୯ ଦିନ ଧରି ଏହି ମେଳା ଆୟୋଜିତ ହୋଇଥାଏ। ଏକଦା ଶମ୍ବାସୁର ନାମକ ଜଣେ ବହୁ ପ୍ରତାପୀ ଅସୁର କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ଉପଚାର ନିମନ୍ତେ ଅନନ୍ୟୋପାୟ ହୋଇ ଶମ୍ବାସୁର ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଥିଲେ। ସୂର୍ଯ୍ୟଦେବଙ୍କ ଠାରୁ ଆଦେଶ ପାଇ ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଚାଲି ଚାଲି ଆସି ଖଣ୍ଡଗିରିରେ ପହଞ୍ଚିଲେ। ସେଠାରେ 'ଖଣ୍ଡଖ୍ରି' ସେବନ କରି ଜପତପ କରିବା ପରେ ସେ ରୋଗମୁକ୍ତ ହୋଇଥିଲେ। ଏହାକୁ ବିଶ୍ୱାସ କରି ମାଘ ମାସରେ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରି-ଉଦୟଗିରିରେ ଆସି ଜପତପ କରିଥାନ୍ତି। ଏହାଦ୍ୱାରା ଆତ୍ମାକୁ ଶାନ୍ତି ଏବଂ ସମସ୍ତ ରୋଗରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ନାମରେ ନାମିତ ଏହି ୯ ଦିନ ବ୍ୟାପୀ ମେଳାକୁ ସ୍ଥାନୀୟ ଲୋକେ 'ଅନନ୍ତ କେଶରୀଙ୍କ ଯାତ୍ରା' ବୋଲି ମଧ୍ୟ କହିଥାନ୍ତି। ସ୍ଥାନୀୟ ଲୋକେ ଠାକୁର ଅନନ୍ତ କେଶରୀ ଦେବ ସେହି ମନ୍ଦିରରେ ରହୁଥିଲେ ବୋଲି ବିଶ୍ୱାସ କରନ୍ତି। ପ୍ରତିବର୍ଷ ମାଘ ସପ୍ତମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ଠାକୁର ଅନନ୍ତ କେଶରୀଙ୍କ ରଥଯାତ୍ରା ହୋଇଥାଏ। ରଥଯାତ୍ରା ସମୟରେ ଠାକୁର ଅନନ୍ତ କେଶରୀ ଦେବ ଜାଗମରା ଗ୍ରାମରେ ଥିବା ମାଉସୀଘର(ବର୍ତ୍ତମାନର ନାଗା ମଠ)କୁ ୯ ଦିନ ଲାଗି ଯାତ୍ରା କରିଥାନ୍ତି। ମେଳା ସରିବା ପରେ ଠାକୁରଙ୍କୁ ପୁଣି ଜାଗମରା ଗ୍ରାମକୁ ଅଣାଯାଇଥାଏ। ଏହି ସମୟରେ ପାଳିକରି ଗ୍ରାମବାସୀମାନେ ଠାକୁରଙ୍କୁ ଜଗିଥାନ୍ତି। ସମୟକ୍ରମେ ଏହି ପରମ୍ପରା ବଦଳିଯାଇଛି। କେବଳ ମାଘ ସପ୍ତମୀ ଗୋଟିଏ ଦିନ ପାଇଁ ଠାକୁର ଅନନ୍ତ କେଶରୀଙ୍କୁ ଖଣ୍ଡଗିରି ପରିବର୍ତ୍ତେ ଉଦୟଗିରିର ରାଣୀହଂସପୁରକୁ ବାଜା, ବାଣ, ରୋଷଣି ମଧ୍ୟରେ ନିଆଯାଏ। ମେଳା ଆରମ୍ଭ ହେବାପରେ ଠାକୁରଙ୍କୁ ପୁଣି ନାଗା ମଠକୁ ଫେରାଇ ଅଣାଯାଇଥାଏ।

#### ମେଳାକୁ ପ୍ଲାଷ୍ଟିକମୁକ୍ତ କରିବାକୁ ନିବେଦନ

ଖଣ୍ଡଗିରି ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବ। ମେଳାରେ ଅଂଶଗ୍ରହଣ କରୁଥିବା ଦୋକାନୀ ଏବଂ ଦର୍ଶକମାନେ ମଧ୍ୟ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ ଧରି ଖଣ୍ଡଗିରି ମେଳାରୁ ବିଭିନ୍ନ ସାମଗ୍ରୀ କିଣିବାକୁ ପରିବେଶବିତମାନେ ନିବେଦନ କରିଛନ୍ତି।

## ଗାଁ ଆମର ଭାଇଚାରାର ପ୍ରତୀକ

ଆମେ ଗାଁରୁ ଆସିଛୁ



ଗାଁର ମୋହ ସବୁଦିନ ପାଇଁ ରହିବ। ସିଏ କେବଳ ଗୋଟିଏ ସ୍ଥାନ ନୁହେଁ ଜୀବନର ଶ୍ରେଷ୍ଠ ସମୟ ସେଠାରେ ବିତିଛି। ତା ପରିବେଶରେ ଆକର୍ଷଣ ଏବଂ ସେଠି ସବୁଦିନ ପାଇଁ ରହିଯିବାର ଇଚ୍ଛା ମନକୁ ସବୁବେଳେ ବ୍ୟାକୁଳ କରୁଥାଏ। ସମୟ ସହ ତାଳ ଦେଇ କେତେ ପରିବର୍ତ୍ତନ ଆସିଛି ତଥାପି ଗାଁର ସବୁ ସ୍ମୃତି ସାଇତା ହୋଇ ରହିଛି। ଏପରି ଜଣେ ଗାଁ ପ୍ରେମୀ ହେଉଛନ୍ତି ବିଶ୍ୱନାଥ ବେହେରା, ବୟସ ୫୪ ଛୁଇଁଲାଣି। ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗରା ଗ୍ରାମରେ ତାଙ୍କ ଘର। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ହେବ ସେ ଭୁବନେଶ୍ୱର ରବି ଟକିଜ ଅଞ୍ଚଳରେ ରହୁଛନ୍ତି। ପେଶାରେ ସେ ଜଣେ ବ୍ୟବସାୟୀ। ଚାକିରିର ଅନୁସନ୍ଧାନରେ ଗାଁ ଛାଡି ସହରରେ ଆସି ପହଞ୍ଚିଥିଲେ। ଗାଁର ସ୍ନେହ ଭଲ ପାଇବା ସହରରେ ବେଶ ଖୋଜା ପଡେ ବୋଲି କୁହନ୍ତି। ଗାଁର ମକର, ଦୋଳ, ରଜ ଭଳି ପର୍ବ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ ସବୁ ଯେପରି ସେଇଠି ରହିଗଲା। ସବୁଜ କିଆରି, ଗାଁ ନଈ, ଆମ୍ବ ତୋଟାରେ କେତେ ଖେଳିଛୁ। କେବଳ ସେତିକି ନୁହଁ ଧାନ ବେଙ୍ଗଳା ପକାଇବାଠୁ ଆରମ୍ଭକରି ଧାନ କାଟିବା ପର୍ଯ୍ୟନ୍ତ ସବୁ କରିଛୁ। ଆଜି ବି ସେଠାକୁ ଗଲେ ସବୁକିଛି ଫେରି ପାଇଲା ଭଳି ଲାଗେ। ଗ୍ରାମ ଦେବତୀ ମା' କାଳିକାଙ୍କୁ ଆମ ଗାଁ ଓ ଆଖପାଖ ଗାଁ ଲୋକ ବେଶ ମାନନ୍ତି। ଏଠାରେ ପଣା ସଂକ୍ରାନ୍ତି ହେଉଛି ସବୁଠୁ ବଡ ପର୍ବ। ସେ ସମୟରେ ଗୋଟିଏ ମାସ ପର୍ଯ୍ୟନ୍ତ ଗାଁ ଲୋକ ସବୁ ଆମିଷ ଛାଡି ଦିଅନ୍ତି। ସବୁଠୁ ଅଧିକ ମନେପଡେ ଗାଁର ଖାଇବା, ଯେମିତିକି ପଖାଳ ଭାତ, ଶାଗ ଆଉ ମାଛ ଭଜା। ସେସବୁ ଏଠି ସହରରେ ମିଳେନି ଆଉ ମିଳିଲେ ମଧ୍ୟ ସେ ସ୍ୱାଦ ନାହିଁ। ସେଠି ଯେତେବେଳେ ଯାତ୍ରା ହୁଏ, ଘରେ ଘରେ ବନ୍ଧୁ ବାନ୍ଧବ। ସନ୍ଧ୍ୟା ହେଲେ ଘର ସାମ୍ନା ଭାଗବତ ଘରେ ଗାଁର ବୟଜ୍ୟେଷ୍ଠ ବ୍ୟକ୍ତି ସବୁ ମେଳି ହୋଇ ଆଧ୍ୟାତ୍ମିକ ଆଲୋଚନା କରନ୍ତି। ଏବେବି ଗାଁ କଥା କହିଲେ ମନ ହୁଏ ସେଠି ଫେରି ଯିବାକୁ। ସେଥିପାଇଁ ଅବସର ସମୟରେ ଗାଁକୁ ଫେରିଯିବାକୁ ଯୋଜନା ରଖିଛି ବୋଲି ସେ କହିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ

ବାଲିପାଟଣା, ୨୪।୧ (ସମିସ): ତୁରନ୍ତିରାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବିଂଶତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବାଲିପାଟଣା ତହସିଲଦାର କଳ୍ପନା ଦାସ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼ ପ୍ରଭାତ କୁମାର ରଥ, ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ, ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ, ଏସ ଆଇ ପାୟଲ ପ୍ରଧାନ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ଉପଦେଷ୍ଟା ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରତ୍ନପ୍ରଭା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଥିଲେ ଓଡ଼ିଶା ପୋଲିସର ଡେପୁଟି କମାଣ୍ଡାଣ୍ଟ ଲଳିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର ଓ ଡ଼ ରତିରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ୭ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅରୁଣ କୁମାର୍ ଶତପଥୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ପ୍ରଭାକର ତ୍ରିପାଠୀ, କବି ଭଗବାନ ସାହୁ, ଅଭିମନ୍ୟୁ ନାୟକ, ଶିକ୍ଷୟିତ୍ରୀ ଝୁନି ଦେଇ, ସୁଧାକର ତ୍ରିପାଠୀ, ସାମ୍ବାଦିକ ରମେଶ ରଥ, ଆଶୁତୋଷ ଚୌଧୁରୀ, ବିଦ୍ୟାଭୂଷଣ ଭୋଳ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

## ସୋଆ 'ପ୍ରାଚୀନ'ରେ ସରସ୍ୱତୀ ପୂଜା



ଭୁବନେଶ୍ୱର, ୨୪।୧ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଣ୍ଟର ଫର୍ ପ୍ରିଜରଭିସନ୍, ପ୍ରୋପାଗେସନ୍ ଆଣ୍ଡ ରିଷ୍ଟୋରେସନ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ)ର ନୂତନ ଗୃହ ପ୍ରବେଶ ସହ ମା' ସରସ୍ୱତୀଙ୍କର ପୂଜାର୍ଚ୍ଚନା ପାଳନ କରାଯାଇଛି। ଏହି ଅବସରରେ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିବା ବେଳେ ସୋଆ ତଥା ପ୍ରାଚୀନର କାର୍ଯ୍ୟକର୍ତ୍ତା, ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଧଉଳି ଚାରୁକଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଭୁବନେଶ୍ୱର, ୨୪।୧(ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ସଭାପତି ପ୍ରଫେସର ଡ. ହୃଷିକେଶ ମିଶ୍ର ଓ ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ତୀର ଭେଦ, ଜିଲାପି ଦୌଡ଼, ଅଖା ଦୌଡ଼, ମ୍ୟୁଜିକ ଚେୟାର, ତିନି ଗୋଡ଼ିଆ ଦୌଡ଼, ଦୌଡ଼ି ଖେଳ ଓ ବାଇଗଣ ଦୌଡ଼ ଆଦି ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ସାମଲ ଓ ଭୂପତି ଭୂଷଣ ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ବୈଜ୍ଞାନିକ ଡ. ରଶ୍ମିରଞ୍ଜନ ସାହୁ, ଅଧ୍ୟାପିକା ଶିବାନୀ ଶଶିକାନ୍ତ ମହାନ୍ତି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ବାର୍ଷିକ ପତ୍ରିକା 'ସୃଷ୍ଟି ଧାରା' ଉନ୍ମୋଚିତ



ଭୁବନେଶ୍ୱର, ୨୪।୧(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ ସାରସ୍ୱତ ସମାରୋହ ଶନିବାର ବୁଦ୍ଧ ମନ୍ଦିର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କବିତା ପାଠୋତ୍ସବରେ ଅତିଥି ଭାବେ ଗୀତାଞ୍ଜଳି ମହାପାତ୍ର, ଲକ୍ଷ୍ମୀ ନାରାୟଣ ମହାନ୍ତି, ସଂଯୁକ୍ତା ଦାସ ଯୋଗଦେଇଥିଲେ। ଏହିପରି ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟକ ହର ପ୍ରସାଦ ଦାସ, ପ୍ରାକ୍ତନ ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ମୁଖ୍ୟବକ୍ତା, ନନ୍ଦିଘୋଷ ଟିଭିର ମୁଖ୍ୟ ସମ୍ପାଦକ ଶିଶିର କୁମାର ଭଞ୍ଜ ମିଶ୍ର, ସମାଜସେବୀ ଡ଼. ସୁଷମା ମିଶ୍ର ଯୋଗ ଦେଇଥିଲେ। ଦୂରଦର୍ଶନ ଉପସ୍ଥାପକ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ସଭାପତି ଅଲେଖ ଚରଣ ରାଉତ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା, ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟ ର ବାର୍ଷିକ ପତ୍ରିକା 'ସୃଷ୍ଟି ଧାରା' ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଗବେଷକ ଡ. ଆମ୍ବରୀଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ଦ୍ୱାରା ନେତାଜୀ ଓ ବୀର ସୁରେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୨୪।୧(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶୁକ୍ରବାର ରସୁଲଗଡ଼ ଓ ଭିଏସଏସ ନଗର ଠାରେ ଅବସ୍ଥିତ ଯଥାକ୍ରମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ସମାରୋହକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ପ୍ରଭାତ ବିଶ୍ୱାଳ, ସମାଜସେବୀ ମନୋରଞ୍ଜନ ମହାନ୍ତି ପ୍ରଭାତୀ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁକାନ୍ତି ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ରୋଜାଲିନ ମହାନ୍ତି, ସୁକାନ୍ତ ପଣ୍ଡା, ରୁବୀ ମହାନ୍ତି, ଅମିତ୍ ପାତାଳ ସିଂ, ସ୍ନେହଲତା ପଟ୍ଟନାୟକ, ଜିତା କର ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ବଳିଦାନ ଦିବସରେ ବିଜେଡି ପକ୍ଷରୁ ବକ୍ସିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୪।୧(ସମିସ): ବକ୍ସି ଜଗବନ୍ଧୁଙ୍କ ସହିଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର କଳ୍ପନା ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବକ୍ସି ଜଗବନ୍ଧୁଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଶ୍ୱଜିତ୍ ମହାନ୍ତି, ଅମିତ ପାତାଳ ସିଂ, ପ୍ରଦୀପ ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଲୋକ ଭବନରେ ମଣିପୁର, ମେଘାଳୟର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୨୪।୧(ସମିସ): ଶନିବାର ଅପରାହ୍ନରେ ଲୋକଭବନର ନ୍ୟୁ ଅଭିଷେକ ହଲରେ ମଣିପୁର, ମେଘାଳୟ, ତ୍ରିପୁରା, ଉତ୍ତର ପ୍ରଦେଶ, ଦାଦ୍ରା ଓ ନଗର ହାଭେଲି ଏବଂ ଦାମନ ଓ ଡିଉର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ମଣିପୁର ଏବଂ ମେଘାଳୟ ଉପରେ ଅଡିଓ-ଭିଜୁଆଲ୍ ପ୍ରଦର୍ଶିତ କରାଯିବା ସହ ମଣିପୁରର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏବଂ ମେଘାଳୟର ରାଜ୍ୟପାଳ ସି. ଏଚ୍ ବିଜୟଶଙ୍କରଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।

## ଜଗମୋହନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଝାଁଲା, ୨୪।୧(ସମିସ): ଭୁବନେଶ୍ୱର ଉପକଣ୍ଠ ରେତଙ୍ଗ ରେଳ ଷ୍ଟେସନ ନିକଟସ୍ଥ ଜଗମୋହନ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମକୁଣ୍ଡଳର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାଥୁଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସୋମନାଥ ବାଲୁଙ୍କେଶ୍ୱର ଦେବ ମହାବିଦ୍ୟାଳୟ କିନ୍ତିଆର ରାଜନୀତି ବିଜ୍ଞାନ ଆଧ୍ୟାପିକା ସୌଦାମିନୀ ବେହେରା ମୁଖ୍ୟବକ୍ତା, ଓଡ଼ିଶା ପ୍ରଶାସନିକ ସେବାରୁ ସେବା ନିବୃତ ହରିଶ୍ ଚନ୍ଦ୍ର ମହାନ୍ତି, ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିରାଜିନୀ ନିଶଙ୍କ, ଆଲୁମ୍ନି ଆସୋସିଏସନ ସଭାପତି ବସନ୍ତ କୁମାର ଭୁଜବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ଦେବେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମମିତା ମହାନ୍ତି, ବେଣୁଧର ପାଇକରାୟ, କମଳ କୁମାରୀ ସୁନ୍ଦରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ, ଗୋକୁଳାନନ୍ଦ ଜେନା ଓ ବିଧୁଭୂଷଣ ପ୍ରଧାନ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

## ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ

ଭୁବନେଶ୍ୱର, ୨୪।୧(ସମିସ): ଆସନ୍ତା ୨୯ରେ ବୁଦ୍ଧ ମନ୍ଦିରଠାରେ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ପାଳନ କରାଯିବ। ଏଥିରେ ମୁଖ୍ୟଅତିଥି ଭାବେ ଅର୍ଥନୀତିଜ୍ଞ ପ୍ରଫେସର ଡ. ପ୍ରଭାତ ପଟ୍ଟନାୟକ ଯୋଗ ଦେବେ। ଏ ନେଇ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀକୁ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ସମିତିର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ଆବାହକ ଦିଲ୍ଲୀପ ଦାଶଶର୍ମା, ସମିତି ସଦସ୍ୟ ପ୍ରଦୋଷ ପଟ୍ଟନାୟକ, ନଟବର ଖୁଣ୍ଟିଆ ଓ କାହ୍ନୁ ଚରଣ ବେହୁରା ପରିଚାଳନା କରିଥିଲେ।

# ଏଥର ବି ଚାଲିବନି ଖଣ୍ଡଗିରି 'ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'

■ ସମୀକ୍ଷା-ନିର୍ଦ୍ଦେଶ ପରେ ବି ଫଳ ଶୂନ

■ ଐତିହ୍ୟ ପର୍ଯ୍ୟଟନସ୍ଥଳୀରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଭୁବନେଶ୍ୱର, ୨୪।୧(ସମିସ): ବହୁ ପ୍ରତୀକ୍ଷିତ ଖଣ୍ଡଗିରି-ଉଦୟଗିରି ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ଜାନୁଆରୀ ୧୬ ତାରିଖରେ ପୁଣି ଥରେ ଆରମ୍ଭ ପାଇଁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଖଣ୍ଡଗିରି ଓ ଉଦୟଗିରିର ପ୍ରସ୍ତାବିତ ଏକୀକୃତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ଶ୍ରୀମତୀ ପରିଡ଼ା ଏ ବିଷୟରେ ଏଏସଆଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ମାଘ ମେଳାରେ ଦର୍ଶକମାନେ ବହୁ ପ୍ରତୀକ୍ଷିତ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋକୁ ଉପଭୋଗ କରିପାରିବେ ବୋଲି ଏହି ସମୀକ୍ଷାରେ କୁହାଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ନା କାମ ଆଗେଇ ପାରିଛି କିମ୍ବା ସୋ ଆରମ୍ଭ ହୋଇପାରିଛି।

ରାଜ୍ୟର ପ୍ରମୁଖ ଐତିହାସିକ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି-ଉଦୟଗିରିକୁ କେବଳ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷ ତମାମ ଆସିଥାନ୍ତି। ବିଶେଷକରି କୁମ୍ଭମେଳା ସାଙ୍ଗକୁ ନଭେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରତିଦିନ ପର୍ଯ୍ୟଟନଙ୍କ ଆସିଥାନ୍ତି। ହେଲେ ଏଠାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା 'ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' ଦେଖିବାକୁ ଅନେକଙ୍କ ମଧ୍ୟ ଉତ୍କଣ୍ଠା ରହିଥିବା ବେଳେ ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି ଖଣ୍ଡଗିରି-ଉଦୟଗିରି ଲାଇଟ ଆଣ୍ଡ ସାଉଣ୍ଡ ସୋର ଉଦଘାଟନୀ ତାରିଖ। ଫଳରେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନିରାଶ ହେବେ ପର୍ଯ୍ୟଟକ। ଗତବର୍ଷ ପ୍ରବାସୀ ଭାରତୀୟ ଦିବସ ଅବସରରେ ସହରରେ ଅନେକ ଉନ୍ନତିକରଣ କାର୍ଯ୍ୟ କରାଯିବା ସହ ପର୍ଯ୍ୟଟନସ୍ଥଳୀ ଭ୍ରମଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ହେଲେ ଏହି ସୋ ମଧ୍ୟ ଦେଖିବାକୁ ବଞ୍ଚିତ ହୋଇଥିଲେ ପ୍ରବାସୀ। ପର୍ଯ୍ୟଟନ ବିଭାଗ ଓ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟରେ ଦୋଷ ଠେଲାଠେଲିରେ ପ୍ରାୟ ୧୦ବର୍ଷ ବିତିଯିବା ସହ ଚଳିତ ପର୍ଯ୍ୟଟନ ଋତୁ ଶେଷ ହେବାକୁ ବସିଥିବା ବେଳେ ଆରମ୍ଭ ହେବାକୁ ଯାଉଛି ମାଘ ମେଳା। ହେଲେ ଏଥର ମଧ୍ୟ ସମାନ ସ୍ଥିତି ଯୋଗୁଁ ଏଠାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ।

ସୂଚନା ଅନୁସାରେ, ୨୦୧୫ରେ ରାଜ୍ୟ ସରକାର ଓ ଇଣ୍ଡିଆ ଟୁରିଜିମ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ (ଆଇଟିଡିସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ୬.୧୫କୋଟି ଟଙ୍କାର ବଜେଟ୍ କରାଯାଇଥିଲା। ସେଥିରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ୫କୋଟି ଟଙ୍କା ସହଯୋଗ କରିଥିବା ସୂଚନା ରହିଛି। ଏହି ସୋ'ରେ ରାଜ୍ୟର କଳାସଂସ୍କୃତି, ଜୈନ ଧର୍ମ ଏବଂ ଖାରବେଳଙ୍କ ଗାରିମା ସମ୍ପର୍କରେ ଅବଗତ କରିବା ଲାଗି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ କଣ୍ଠରେ ରହିଥିବା ଅଡିଓ ଭଏସ୍‌ରେ ଶୁଣିବାକୁ ମିଳିବ। ଇଂରାଜୀ, ଓଡ଼ିଆ ଓ ବଙ୍ଗାଳୀ ଭାଷାରେ ଏହି ଶୋ' ହେବାର ଯୋଜନା ନୂତନ ଭାବେ ମେସିନ୍ ଗୁଡ଼ିକ ଇନଷ୍ଟଲ୍ କରାଯାଇଛି। ଏଥିପାଇଁ କଣ୍ଟ୍ରୋଲ ରୁମ୍, ସଫ୍ଟୱେୟାର ଆଣ୍ଡ ହାର୍ଡୱେୟାର ସାଗମ୍ରୀ ଗୁଡ଼ିକର ସମସ୍ତ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ହେଲେ ବିଜୁଳି ସଂଯୋଗ ହୋଇନଥିବାରୁ ସୋ ଆରମ୍ଭ ହୋଇପାରୁନଥିବା ବେଳେ ବର୍ତ୍ତମାନ ସମସ୍ତ କାର୍ଯ୍ୟ ଶେଷ ହୋଇ ମଧ୍ୟ ଏହି ଶୋ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏନେଇ ପର୍ଯ୍ୟଟନ ଅଧିକାରୀ ଅଞ୍ଜନ ବାରିକ୍ କହିଛନ୍ତି, ଚଳିତ ମାସ ୧୬ ତାରିଖରେ ଏହି ଶୋ ଆରମ୍ଭ ହେବାକୁ ଥିବା ବେଳେ ଆଇଟିଡିସି, ପର୍ଯ୍ୟଟନ ବିଭାଗ, ଓଟିଡିସି ଓ ଏଏସଆଇଙ୍କ ମିଳିତ ଭାବେ ଏହି କାର୍ଯ୍ୟ ସମ୍ପାଦିତ କରାଯାଉଥିବାରୁ ସମସ୍ତଙ୍କ ମଧ୍ୟରେ ଆଲୋଚନା କରାଯାଇ ତାରିଖ ସ୍ଥିର କରାଯାଇ ଉଦ୍‌ଘାଟନ ହେବ।



